## ଦ୍ୱାରଶୁଣୀ ଘାଟିରେ ଓଲଟିଲା ଟ୍ରକ୍

**ବାଙ୍ଗିରିପୋଷି,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥ ଉପରେ ଥିବା ଦ୍ୱାରଶୁଣୀ ଘାଟିରେ ଗୁରୁବାର ଏକ କେମିକାଲ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ରାଇପୁରରୁ କୋଲକାତା ଯାଉଥିବା ଏହି ଟ୍ରକ୍‌ଟି ଘାଟିରୁ ୧୦୦ ଫୁଟ ତଳକୁ ଖସି ପଡ଼ିଥିବା ବେଳେ ଏହାର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାଙ୍ଗିରିପୋଷି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆହତ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲକୁ ପଠାଇଛନ୍ତି। ବାଙ୍ଗିରିପୋଷି ପୋଲିସ ତଦନ୍ତ ଜାରିରଖିଛି।

### ସଂକ୍ଷେପରେ

## ୮ରେ ମୟୂରଭଞ୍ଜ ଆସିବେ ମୁଖ୍ୟମନ୍ତ୍ରୀ

ବାରିପଦା ଅଫିସ,୨୩।୯- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଅକ୍ଟୋବର ୮ରେ ମୟୂରଭଞ୍ଜ ଜିଲାଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅବସରରେ ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ଏଥି ସହିତ ଜିଲାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। କୋଭିଡ୍ କଟକଣା ଓ ବର୍ଷାପାଗକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଜନସାଧାରଣଙ୍କ ପାଇଁ ଖୋଲା ସ୍ଥାନରେ ଏଲଇଡ଼ି ମାଧମରେ କାର୍ଯ୍ୟକ୍ରମ ପ୍ରସାରଣ ବ୍ୟବସ୍ଥା ଗ୍ରହଣ କରାଯିବ। ଏ ନେଇ ପ୍ରଶାସନ ଓ ଦଳୀୟ କର୍ମକର୍ତ୍ତାମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଗୁରୁବାର ବିଜେଡ଼ି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ଦିନିକିଆ ଗସ୍ତରେ ମୟୂରଭଞ୍ଜ ଆସି ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି।

## ଜିଲା କଂଗ୍ରେସ କମିଟି ଏସ୍‌ସି ସେଲ୍‌ର ନୂତନ ପଦାଧିକାରୀ

ଭଦ୍ରକ ଅଫିସ,୨୩।୯-ଭଦ୍ରକ ଜିଲା କଂଗ୍ରେସ ସଭାପତି ସୁବ୍ରତ କୁମାର ଦାସଙ୍କ ସୁପାରିଶ ଓ ରାଜ୍ୟ କମିଟିର ଏସ୍‌ସି ସେଲ୍ ଚେୟାରମ୍ୟାନ ବାଙ୍କନିଧି ବେହେରାଙ୍କ ଅନୁମୋଦନ କ୍ରମେ ଜିଲା କମିଟି ଏସ୍‌ସି ସେଲ୍‌ର ନୂତନ ପଦାଧିକାରୀଙ୍କ ନାମ ଘୋଷଣା ହୋଇଛି। ପତ୍ର ସଂଖ୍ୟା ଓପିସିସି-ଏସ୍‌ସି-୬୦୭/୨୧ ମୂଳେ ଜିଲା କଂଗ୍ରେସ ଏସ୍‌ସି ସେଲ୍‌ର ଚେୟାରମ୍ୟାନ ଭାବେ ସ୍ପନ୍ଦନ ମଲିକ ଓ ଭାଇସ୍ ଚେୟାରମ୍ୟାନ ଭାବେ ରଞ୍ଜନ କୁମାର ଜେନାଙ୍କ ନାମ ଘୋଷଣା କରାଯାଇଛି। ସ୍ପନ୍ଦନ ଓ ରଞ୍ଜନ କୃତଜ୍ଞତା ଜଣାଇବା ସହ ସେମାନଙ୍କୁ ଦିଆଯାଇଥିବା ଗୁରୁଦାୟିତ୍ୱ ନିଷ୍ଠାର ସହ ତୁଲାଇବେ ଓ ସଙ୍ଗଠନକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ଚନ୍ଦନ କାଠ ଜବତ

ରାଇରଙ୍ଗପୁର,୨୩।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦର ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ଚନ୍ଦନ ଗଛ ଚୋରି ହୋଇଥିଲା। ଏନେଇ ପୋଲିସ ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କରଞ୍ଜିଆ ଥାନା ଅଧୀନ ଚଢ଼େଇଭୋଳ ଗ୍ରାମର ମହମ୍ମଦ ତାୟୁସିଫ। ତାଙ୍କଠାରୁ ୩୦ କିଲୋ ଚନ୍ଦନ କାଠ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୪/୨୧)ରୁଜୁ ହୋଇଛି।

## ଆକାଉଣ୍ଟରୁ ୪ଲକ୍ଷରୁ ଊର୍ଦ୍ଧ୍ୱ ହଡ଼ପ

ରାଇରଙ୍ଗପୁର,୨୩।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସ୍ଥିତ ଏକ ବ୍ୟାଙ୍କର ଜଣେ ଗ୍ରାହକଙ୍କ ଆକାଉଣ୍ଟରୁ ୟୁପିଆଇ ମାଧମରେ ୪ଲକ୍ଷ ୮୫ ହଜାର ଟଙ୍କା ହଡ଼ପ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଟାଉନ ଥାନା ପୋଲିସ ଏକ ମାଲଲା(ନଂ.୨୦୦/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଯାମଦା ଥାନା ବେଲପୋଷି ଗ୍ରାମର ନାରାୟଣ ପାତ୍ର ରାଇରଙ୍ଗପୁର ସ୍ଥିତ ଉକ୍ତ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଟଙ୍କା ଜମା ରଖିଥିଲେ। ସପ୍ତାହକ ତଳେ ସେ ତାଙ୍କ ଆକାଉଣ୍ଟ ଯାଞ୍ଚ କରିବାରୁ ୟୁପିଆଇ ମାଧମରେ ୪ଲକ୍ଷ ୮୫ ହଜାର ଟଙ୍କା ଉଠିଯାଇଥିବା ଜାଣିବାକୁ ପାଇଥିଲେ। ପରେ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସନ୍ତୋଷ ଜନକ ଉତ୍ତର ନ ପାଇବାରୁ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି।

## ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଖୁଣ୍ଟା,୨୩।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ବାସିପିଠା ପଞ୍ଚାୟତର ପୁରୁଣାପାଣି ଗ୍ରାମରେ କରୋନାରେ ମୃତ୍ୟୁବରଣ କରିଥିବା ନିରଞ୍ଜନ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ ଗ୍ରାମର ଯୁବଗୋଷ୍ଠୀଙ୍କ ପକ୍ଷରୁ ବୁଧବାର ଏକ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ କମଳି ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଓ ସ୍ମୃତିଚାରଣ ସଭାରେ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି , ଆଦିବାସୀ ବିକାଶ ପରିଷଦର ପୂର୍ବତନ ଅଧକ୍ଷ ଡ. ଦେବାଶିଷ ମାରାଣ୍ଡି, ପୂର୍ବତନ ରାଜ୍ୟସଭା ସଦସ୍ୟ ବୀରଭଦ୍ର ସିଂ, ପୂର୍ବତନ ବ୍ଲକ ଅଧକ୍ଷ ସୁଧନ୍ୟା ନାଏକ, ବାସିପିଠା ସରପଞ୍ଚ ସରସ୍ୱତୀ ମାରାଣ୍ଡି, ବ୍ଲକ ବିଜେଡି ଯୁବ ସଭାପତି ସୁଶାନ୍ତ କୁମାର ପଶାଙ୍କ ସମେତ ସ୍ୱର୍ଗତ ସାହୁଙ୍କ ପରିବାର ବର୍ଗ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# ୭ ବର୍ଷ ପରେ ଫେରିଲେ ନାବାଳିକା

**ଜଳେଶ୍ୱର, ୨୩।୯(ଡି.ଏନ.ଏ.)**

୭ବର୍ଷ ପୂର୍ବେ ନିଖୋଜ ହୋଇଯାଇଥିବା ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଶାଳିକୋଠାର ଜଣେ ନାବାଳିକା ଗୁରୁବାର ଘରକୁ ବାହୁଡ଼ିଛନ୍ତି। ଦୀର୍ଘଦିନ ଝିଅକୁ ପାଇ ତାଙ୍କ ପରିବାର ଲୋକେ ଖୁସିରେ ଆତ୍ମହରା ହୋଇପଡିଛନ୍ତି।

ଶାଳିକୋଠା ଗାଁର ୧୦ବର୍ଷର ଉକ୍ତ ନାବାଳିକା ୭ବର୍ଷ ପୂର୍ବେ ତାଙ୍କ ମାମୁ ଘର ବାଲିଚକରେ ଥିବାବେଳେ ୨୦୧୪ରେ ନିଖୋଜ ହୋଇଯାଇଥିଲେ। ଘଟଣାର କିଛି ଦିନ ପରେ ଏହି ନାବାଳିକାଙ୍କୁ ପଶ୍ଚିମବଙ୍ଗର ବର୍ଦ୍ଧମାନ ଷ୍ଟେଶନରୁ ଉଦ୍ଧାର କରାଯାଇଥିଲା। ପଶ୍ଚିମବଙ୍ଗର ଶିଶୁ କଲ୍ୟାଣ ସମିତି ନାବାଳିକାଙ୍କୁ ମେଦିନୀପୁରସ୍ଥିତ ବାଳିକା ହୋମ୍‌କୁ ପଠାଇଥିଲା। ଶିଶୁ କଲ୍ୟାଣ ସମିତି ଏପରି ଏକ ସମ୍ବେଦନଶୀଳ ଘଟଣାରେ ଅଧିକ ତଦନ୍ତ କରିଥିଲା। ଉଦ୍ଧାର ହୋଇଥିବା ନାବାଳିକାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। ମେଦିନୀପୁର ଜିଲା ଶିଶୁ କଲ୍ୟାଣ ବିଭାଗ ଏଥିରେ ହସ୍ତକ୍ଷେପ କରି ଦାନ୍ତୁନସ୍ଥିତ ବାଳିକା ହୋମ୍‌କୁ ପଠାଇଥିଲେ। ସେଠାରେ ସେ ଗତ ୧ବର୍ଷରୁ ଅଧିକ କାଳ ରହିବା ପରେ ନିଜ ପ୍ରକୃତ ଠିକଣା କହିଥିଲେ। ଗୁରୁବାର ଦୋୟେଲ ପ୍ରଚଣ୍ଡ ଜଳେଶ୍ୱରସ୍ଥିତ ଶାଳିକୋଠା ଗ୍ରାମକୁ ପଠାଇବାକୁ ବ୍ୟବସ୍ଥା କରିଥିଲେ। ଏବେ ପିଲାଟିର ବୟସ ୧୭ ହୋଇଥିଲେ ମଧ୍ୟ ତାର ଅତୀତ ସ୍ମୃତି ଫେରିପାଇବା ସହିତ ପରିବାରବର୍ଗଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଇତିମଧ୍ୟରେ ସେ ହସ୍ତଶିଳ୍ପ କାର୍ଯ୍ୟରେ ପାରଦର୍ଶିତା ଅର୍ଜନ କରିଛନ୍ତି। ଅଧିକ ଶିକ୍ଷା ଲାଭ ଲାଗି ସେ ପ୍ରୟାସ ଜାରି ରଖିଥିବାରୁ ସରକାର ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତିହିଡ଼ି ପାଇଁ ଖବରଦାତା ଆବଶ୍ୟକ

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ ଠିକଣାରେ କିମ୍ବା recruitment@ dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିପାରିବେ।

## ଧାରଣାରୁ ଓହରିଲେ ଛାତ୍ରୀଛାତ୍ର

**ବାରିପଦା ଅଫିସ,୨୩।୯**

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ସ୍ୱୟଂବିତ୍ତୀୟ ପାଠ୍ୟକ୍ରମର ଛାତ୍ରୀଛାତ୍ରମାନେ ଧାରଣାରୁ ନିବୃତ୍ତ ହୋଇଛନ୍ତି। ଦୁଇଟି ଦାବିକୁ ନେଇ ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ, ନିର୍ଦ୍ଦେଶିକା, ଆଭ୍ୟନ୍ତରୀଣ ଗୁଣବତ୍ତା ନିୟନ୍ତ୍ରଣ ପରିଷଦ, ସହସଂଯୋଜକ, ସ୍ୱୟଂ ବିତ୍ତୀୟ ପାଠ୍ୟକ୍ରମ, ପ୍ରଫେସର, ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ଉପସ୍ଥିତିରେ ବିସ୍ତୃତ ଆଲୋଚନା କରଯାଇଛି। ରି-ଆଡ୍‌ମିଶନ ଫି ଦାଖଲ ଶେଷ ତାରିଖ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ସହିତ ଏସ୍‌ଏଫ୍‌ସି ବିଭାଗର ଛାତ୍ରୀଛାତ୍ରମାନଙ୍କର ରି-ଆଡ୍‌ମିଶନ ଫି ଶତକଡା ୨୦ଭାଗ ଛାଡ଼ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଆବଶ୍ୟକସ୍ଥଳେ କିସ୍ତି ଅନୁଯାୟୀ ଫି ଦେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ସୁଯୋଗ ଦିଆଯିବ। ଛାତ୍ରଛାତ୍ରୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସେମାନଙ୍କୁ ଆନ୍ଦୋଳନରୁ ଓହରି ଯାଇ ପାଠପଢା ଓ ପରୀକ୍ଷା କାର୍ଯ୍ୟରେ ଯଥାଶୀଘ୍ର ଯୋଗଦାନ ପାଇଁ ଅନୁରୋଧ କରାଯାଇଥିଲା। ଫଳରେ ୨ ଦିନ ଧରି ଛାତ୍ରୀଛାତ୍ରମାନେ ଚଳାଇଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଗାନ୍ଧିବାଦୀ କପିଳ ଚରଣ ସଦା ସ୍ମରଣୀୟ

**ଭଦ୍ରକ ଅଫିସ, ୨୩।୯**



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

ସ୍ୱାଧୀନତା ସଂଗ୍ରାମୀ କପିଳ ଚରଣ ଦାସଙ୍କ ୧୨ ତମ ଶ୍ରଦ୍ଧାଞ୍ଜଳି ଉତ୍ସବ କପିଳ ଚରଣ ଦାସ ସ୍ମୃତି ସମିତି ଓ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଡ. ମନୀନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ସାମାଜିକକର୍ମୀ ଏସ୍‌ଏମ୍ ଫାରୁକ, କବୟିତ୍ରୀ ଶାନ୍ତିଲତା ନାଗ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କପିଳ ଚରଣ ଦାସ ତାଙ୍କ ଦେଶପ୍ରେମ ତଥା ସେବା ପରାୟଣତା ଲାଗି ସଦା ସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ମନୀନ୍ଦ୍ର ମହାନ୍ତିଙ୍କ ରଚିତ ଓଡ଼ିଶା ବାହାରେ ଓଡ଼ିଆ ପୁସ୍ତକର ଉନ୍ମୋଚନ କରାଯାଇଥିଲା। ଶିଶୁ ଚିତ୍ରଶିଳ୍ପୀ ଶଶିକାନ୍ତ ବହଳୀଙ୍କ ଅଙ୍କିତ ସଂଗ୍ରାମୀ ଦାସଙ୍କ ଫଟୋଚିତ୍ରକୁ ଉନ୍ମୋଚନ ସହ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର କାଳନ୍ଦୀ ମଲିକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ପରେ ସ୍ମୃତି ସମିତିର ସମ୍ପାଦକ ଖବରଦାତା ପରମାନନ୍ଦ ଦାସ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସଙ୍କ ସଂଯୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକକର୍ମୀ ସୁଧାକର ରାଉତ, ଡ. ବାଇଧର ସାହୁ, ଅଧିବକ୍ତା ମନୋରଞ୍ଜନ ମହାନ୍ତି, ଯୁବ ସାମାଜିକକର୍ମୀ ଜ୍ୟୋତିପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୧୫୦ ରୋଗୀଙ୍କ ଚକ୍ଷୁ ପରୀକ୍ଷା

**ବାଲେଶ୍ୱର ଅଫିସ, ୨୩।୯**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଆଲୁମେଦା ପଞ୍ଚାୟତର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଗୁରୁବାର ବାଲେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି କେଦାରନାଥ ପାଢ଼ୀ ଉଦ୍‌ଘାଟନ କରିଥିଲେ। ଅଞ୍ଚଳବାସୀ ଓ ଆଖପାଖ ଜାଗାରୁ ୧୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୨୫ରୁ ଊର୍ଦ୍ଧ୍ୱ ରୋଗୀ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସହର ସ୍ଥିତ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଶିବିରରେ ଶିକ୍ଷାବିତ୍ ସୁଧାଂଶୁ ଶେଖର ପଣ୍ଡା, ସମାଜସେବୀ ଯଶୋଦା ନନ୍ଦନ ଆଶ୍, ପଦାରବିନ୍ଦ ମହାପାତ୍ର, ନାରୀନେତ୍ରୀ ସିପ୍ରାରେଖା ମହାପାତ୍ରଙ୍କ ସମେତ ବିଜେଡି ପଞ୍ଚାୟତ ସଭାପତି ଦିଲୀପ ଜେନା, ବିଶ୍ୱନାଥ ପଟେଲ, ଆଶାକର୍ମୀ ଭଗବତି ମାନ୍ନା ଓ ଅର୍ପିତା ପ୍ରଦାନ ପ୍ରମୁଖ ସହଯୋଗ କରିଥିଲେ।

## ଡ୍ରେନ ସମସ୍ୟା ନେଇ ବରିଷ୍ଠ ନାଗରିକଙ୍କ ଧାରଣା



ଉପଜିଲାପାଳଙ୍କ ଅଫିସ୍ ଆଗରେ ପ୍ରଫୁଲ୍ଲ କୁମାର ମହାନ୍ତି ଧାରଣାରେ ବସିଛନ୍ତି।

**ସଜନାଗଡ଼, ୨୩।୯(ଡି.ଏନ.ଏ.)**

ନୀଳଗିରି ଏନ୍‌ଏସିର ୧୦ନମ୍ବର ୱାର୍ଡ଼ର ପ୍ରଫୁଲ୍ଲ ମହାନ୍ତି ଘର ଠାରୁ ସିମୁଳିଆ ରାବାଣି ଠାକୁରାଣି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଡ୍ରେନ ଓ ରାସ୍ତା ମଝିରେ ମାଟି ପୂରାଇବା ଓ ମରାମତି ହେବା କାର୍ଯ୍ୟ ବହୁ ମାସ ଧରି ହୋଇନାହିଁ। ଫଳରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ନୀଳଗିରି ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପ୍ରଫୁଲ୍ଲ କୁମାର ମହାନ୍ତି ଉପଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଛନ୍ତି। ଉପଜିଲାପାଳ ଉକ୍ତ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ମହାନ୍ତି ଧାରଣାରୁ ଉଠିଥିଲେ।

## ଅଙ୍ଗନୱାଡ଼ି ସହାୟିକା ଚୟନ ନେଇ ଅସନ୍ତୋଷ



ଅସନ୍ତୁଷ୍ଟ ଗ୍ରାମବାସୀ ହୋହଲ୍ଲା କରୁଛନ୍ତି।

**ରସାଲପୁର,୨୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ଚାନ୍ଦିପୁର ପଞ୍ଚାୟତର ନାଉପାଳଗଡ଼ି ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା ଚୟନକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ନେଇ ସଦର ସିଡିପିଓଙ୍କୁ ଦୀର୍ଘ ସମୟ ଧରି ଗ୍ରାମବାସୀ ଅଟକ ରଖିବା ସହ ଚୟନ ପ୍ରକ୍ରିୟା କରି ଆବେଦନ କରିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଘୋଷଣା କରିବାକୁ ଅଡ଼ି ବସିଥିଲେ। ପରିସ୍ଥିତି ଉତ୍ତେଜନା ହେବାରୁ ମେରାଇନ ଥାନା ପୋଲିସ ନରହରି ମହାଳିକ ଏବଂ ଅତିରିକ୍ତ ସଦର ତହସିଲଦାର ଅତନୁ ପ୍ରଧାନ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିବା ସହିତ ୭ଦିନ ମଧ୍ୟରେ ଉପଜିଲାପାଳଙ୍କ ସହ ଆଲୋଚନା କରି ପୁଣି ଥରେ ମହିଳା ସଭା ମାଧ୍ୟମରେ ସହାୟିକା ଚୟନ କରାଯିବାର ପ୍ରତିଶ୍ରୁତି ପରେ ଚୟନ ପ୍ରକ୍ରିୟା ସ୍ଥଗିତ ରହିଥିଲା।

## ଷଣ୍ଢକୁ ଧକ୍କା ଦେଇ ଜଳିଗଲା ବୁଲେଟ୍

**ସଜନାଗଡ଼, ୨୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ସହର ଦେଇ ଯାଇଥିବା ୧୯ ନଂ. ରାଜ୍ୟ ରାଜପଥର ପୋଡ଼ାଶୁଳ-ସଜନାଗଡ଼ର ମଧ୍ୟସ୍ଥଳୀରେ ଠିଆ ହୋଇଥିବା ଏକ ଷଣ୍ଢକୁ ଏକ ବୁଲେଟ୍ ଆରୋହୀ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ବୁଲେଟ ରାସ୍ତାରେ କିଛିବାଟ ଘୋଷାରି ହୋଇଯାଇଥିଲା । ଫଳରେ ସେଥିରୁ ନିଆଁ ବାହାରି ବୁଲେଟ୍ ଜଳିଯାଇଥିଲା। ମାତ୍ର ଆରୋହୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ନୀଳଗିରି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ବାଇକ ଆରୋହୀ ହେଲେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ବଡ଼ଖଲାଡ଼ି ଅଞ୍ଚଳର ସୌଭାଗ୍ୟ ରଞ୍ଜନ ନାୟକ। ସେ ବାଲେଶ୍ୱରକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଜାଲ ବସାଇବାକୁ କେନ୍ଦ୍ର କରି ଗୋଷ୍ଠୀସଂଘର୍ଷ , ୩ ଆହତ

**ବାହାନଗା, ୨୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଭଣା ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା କାଂଶବାଂଶ ନଈରେ ଜାଲ ବସାଇବାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୩ଜଣ ଆହତ ହୋଇଛନ୍ତି । ଏନେଇ ସୋର ଥାନାରେ ଲିଖିତ ଅଭିଯୋଗ ହେବା ପରେ ଏକ ମାମଲା(ନଂ.୩୭୩/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ଅଠିଲାବାଜ ଗ୍ରାମର ବନମାଳୀ ମହାଳିକଙ୍କ ଅନ୍ୟ ୩ଜଣ ସହଯୋଗୀଙ୍କ ସହିତ ଅଭଣା ଗ୍ରାମ୍ୟ କମିଟି ନିକଟରୁ ନଈରେ ମାଛ ଧରିବା ପାଇଁ ନିଲାମ ନେବା ପରେ ପଞ୍ଚୁବିଶାକୁ ସଂଯୋଗ କରୁଥିବା କାଂଶବାଂଶ ନଈରେ ଜାଲ ବସାଇ ମାଛ ଧରୁଥିଲେ। ମାତ୍ର ଅଭଣା ଗ୍ରାମର ଅଜିତ୍ ମାଝୀ ନାମକ ଯୁବକ ନିଲାମଧାରୀଙ୍କ ଜାଲ ସମ୍ମୁଖରେ ଜାଲ ବସାଇ ମାଛ ଧରୁଥିଲେ। ଏହି ଘଟଣାକୁ ନେଇ ନିଲାମଧାରୀ ଓ ଅଜିତ୍‌ଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ପରେ ନିଲାମଧାରୀ ଓ ଗ୍ରାମ୍ୟ କମିଟି ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କୁ ଏ ବାବଦରେ ଅବଗତ କରାଇବା ପରେ ଗ୍ରାମରେ ଉଭୟଙ୍କ ପକ୍ଷରୁ ଆପୋଷ ସମାଧାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସେହି ଅନୁଯାୟୀ ନିଲାମଧାରୀମାନେ ଅଭଣା ଗ୍ରାମର ସମାଧାନ ସ୍ଥାନରେ ପହଞ୍ଚିବା ପରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଅସିତ୍ ମାଝି, ଅଜିତ୍ ମାଝି, ଅଜୟ ମାଝି ଓ କୁରୁପା ମାଝି ପ୍ରମୁଖ ମାରଣାସ୍ତ୍ର ଧରି ନିଲାମଧାରୀ ଯୁବକମାନଙ୍କୁ ସର୍ବସମ୍ମୁଖରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ବିକାଶ ରାଉତ, ବୈକୁଣ୍ଠ ରାଉତ, ବନମାଳୀ ମହାଳିକ ପ୍ରମୁଖ ଆହତ ହୋଇଥିଲେ। ସେମାନଙ୍କୁ ସୋର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ସମସ୍ୟାକୁ ନେଇ ଆଲୋଚନା

**କେନ୍ଦୁଝର,୨୩।୯ (ସ୍ୱ.ପ୍ର./ଡି.ଏନ.ଏ.)**

ଶିକ୍ଷକ ଭବନ ସମ୍ମିଳନୀ କକ୍ଷରେ ବୁଧବାର ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ଫୋରମର ଏକ ବୈଠକ କୋଭିଡ ନିୟମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫୋରମର ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସରଗ୍ରହଣ କରିଥିବା ଶିକ୍ଷକ ଓ କର୍ମଚାରୀଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା କରି ଯଥାର୍ଥ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓଷ୍ଟା କେନ୍ଦୁଝରର ପୂର୍ବତନ ସଭାପତି କହ୍ନେଇ ଚରଣ ମହାନ୍ତି, ପ୍ରସନ୍ନ କୁମାର ରଥ, ପୂର୍ବତନ ସମ୍ପାଦକ ଚିନ୍ତାମଣି ଜେନା, ସମ୍ପାଦକ କ୍ଷୀରୋଦ ରାଉତ, ସଭାପତି ଶାନ୍ତନୁ କୁମାର ମିଶ୍ର, ଫୋରମର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ଉପସଭାପତି ଶିଶିର ଭୂଷଣ ରାଏ, ପୂର୍ବତନ ପ୍ରଧାନଶିକ୍ଷକ ବିଦ୍ୟାଧର ପଲେଇ, କୋଷାଧ୍ୟକ୍ଷ ମଦନମୋହନ ଦ୍ୱିବେଦୀ, ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ହାତୀଗୋଠରେ ୨ ନୂଆ ଅତିଥି



ପ୍ରସବ ବେଦନାରେ ଛଟପଟ ହେଉଥିବା ଏକ ମାଈ ହାତୀକୁ ଜଗିରହିଛି ଦନ୍ତା।

**ଚମ୍ପୁଆ.୨୩।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଜାମୁଦଲକ ଜଙ୍ଗଲରେ ରହିଥିବା ହାତୀପଲ ମଧ୍ୟରେ ଗୁରୁବାର ସକାଳୁ ୨ ଶାବକ ଜନ୍ମ ନେଇଛନ୍ତି। ଗୋଟିଏ ମାଈହାତୀ ପ୍ରସବ ବେଦନାରେ ଛଟପଟ ହେଉଥିବା ସୂଚନା ମିଳିଛି। ବନବିଭାଗ, ପୋଲିସ ଓ ପ୍ରାଣୀଧନ ଚିକିତ୍ସକ ଘଟଣାସ୍ଥଳରେ ରହି ନଜର ରଖିଛନ୍ତି। ମାଈହାତୀଟି କଷ୍ଟରେ ମାଟିରେ ଗଡୁଥିବାବେଳେ ଅନ୍ୟ ହାତୀ ତାକୁ ଜଗିରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ କିଛିଦିନ ପୂର୍ବରୁ ୨୫ ହାତୀ ମୟୂରଭଞ୍ଜରୁ ଚମ୍ପୁଆ ରେଞ୍ଜ୍ ଅଞ୍ଚଳକୁ ପଶି ଆସିଥିଲେ। ହାତୀ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିବା ସହିତ ହାତୀକୁ ହଇରାଣ ହରକତରୁ ଦୂରେଇ ରଖିବା ପାଇଁ ସେଠାରେ ପୋଲିସ ଜଗିରହିଛି।

# କାରଖାନା ଖୋଲିବା ଉପରେ ଗୁରୁତ୍ୱାରୋପ

### ବିର୍ଲା ଟାୟାର୍ସ କର୍ମଚାରୀ- ଶ୍ରମିକ ସଂଘର ଜରୁରୀ ବୈଠକ

**ବାଲେଶ୍ୱର ଅଫିସ, ୨୩।୯**



ବୈଠକରେ ଉପସ୍ଥିତ ବିଧାୟକ ସ୍ୱରୂପ ଦାସଙ୍କ ସହ କର୍ମଚାରୀମାନେ।

ବାଲେଶ୍ୱର ସହର ମଲ୍ଲିକାଶପୁରଠାରେ ବିର୍ଲା ଟାୟାର୍ସ ଏମ୍ପ୍ଲଇଜ୍ ଆଣ୍ଡ ୱାର୍କର୍ସ ୟୁନିୟନର ଏକ ଜରୁରୀ ବୈଠକ ସଂଘର ସଭାପତି ତଥା ବାଲେଶ୍ୱର ବିଧାୟକ ସ୍ୱରୂପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୫ରେ ଭୁବନେଶ୍ୱର ସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟଠାରେ ବିର୍ଲା ଟାୟାର୍ସ ଖୋଲିବା ସମ୍ପର୍କରେ ଏକ ମିଳିତ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ କାରଖାନାକୁ କିଭଳି ଖୋଲାଯିବ ସେ ସମ୍ପର୍କରେ ଉକ୍ତ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା।

ସଂଗଠନର ସଭାପତି ସ୍ୱର୍ଗତ ଅରୁଣ ଦେ ସବୁବେଳେ ଶ୍ରମିକ, କର୍ମଚାରୀଙ୍କର ସମସ୍ୟା ସମାଧାନ କରିବା ଉପରେ ଜୋର ଦେଇଆସୁଥିଲେ। ତେଣୁ ପ୍ରଥମେ କାରଖାନା ଖୋଲିବା ପାଇଁ ସମସ୍ତ ଶ୍ରମିକ ସଂଗଠନ ସକାରାତ୍ମକ ଚିନ୍ତାଧାରା ପରିପ୍ରକାଶ କରିବା ଉଚିତ୍ ବୋଲି ସଭାପତି ଦାସ ମତବ୍ୟକ୍ତ କରିଥିଲେ। ଏହାଛଡ଼ା ବୈଠକ ସବୁବର୍ଗର ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ପ୍ରଥମ ଅଧିବେଶନରେ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ର ବାଲେଶ୍ୱର ଜିଲା ଶାଖା ସଭାପତି ଅନାଦି ଚରଣ ବେହେରା ଓ ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ଉପସ୍ଥିତ ରହି ପେନ୍‌ସନ୍ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା କରିଥିଲେ। ବୈଠକରେ ସଂଘର ଉପଦେଷ୍ଟା ରଞ୍ଜନ କୁମାର ବାଗ ଓ ବିଷ୍ଣୁ ପ୍ରସାଦ ମହାନ୍ତିଙ୍କ ସମେତ କାର୍ଯ୍ୟକାରୀ ସଭାପତି ଭୋଳାନାଥ ବେହେରା, ଉପସଭାପତି ପୀତାମ୍ବର ମହାପାତ୍ର, ମାୟାଧର ରାଉତ, ସମ୍ପାଦକ ଶରତ କୁମାର ଦାସ, ସାଂଗଠନିକ ସମ୍ପାଦକ ଚିତ୍ତରଞ୍ଜନ ଦତ୍ତ, ବୀରେନ୍ଦ୍ର ରାଉତ, ବୀରେନ୍ଦ୍ର ଦାସଙ୍କ ସମେତ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।

